# NATIONAL NEWS BULLETIN (ODIA)

## 27 March - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ଜାରି ହେବ ।
- ନିର୍ବାଚନ କମିଶନ ବିଜେପି ଏମ୍.ପି. ଦିଲ୍ଲୀପ ଘୋଷ ଓ କଂଗ୍ରେସ ନେତା ସୁପ୍ରିୟା ଶ୍ରୀନେତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ।
- ବିଜୁ ଜନତା ଦଳ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରିଛି ।
- ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ଟିମ୍ ଗୁଡ଼ିକ ଚଣ୍ଡିଗଡ଼ର ବିଭିନ୍ନ ସ୍ଥାନ ଓ ପଞ୍ଜାବର ୮ଟି ଜିଲ୍ଲାରେ ଚଢ଼ଉ କରିଛନ୍ତି ।

ଏବଂ

- ଚଳିତ ମାସ ଶେଷ ସୁଦ୍ଧା ଜାମ୍ମୁ-କାଶ୍ମୀରରେ ମୋଗଲ ରୋଡ୍‌କୁ ଖୋଲି ଦିଆଯିବ ।

## ସେକେଣ୍ଡ ଫେଜ୍ ନୋଟିଫିକେସନ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ଜାରି ହେବ । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ଓ ଆଉଟ୍‌ର ମଣିପୁର ର ଗୋଟିଏ ଆସନରେ ମତଦାନ ହେବ । କେରଳର ୨୦ଟି ଲୋକସଭା ଆସନ, କର୍ଣ୍ଣାଟକର ୧୪ଟି, ରାଜସ୍ଥାନର ୧୩ଟି, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୭ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଏବଂ ମଣିପୁର, ତ୍ରିପୁରା ଓ ଜାମ୍ମୁ କାଶ୍ମୀରର ଗୋଟିଏ ଲେଖାଏଁ ଲୋକସଭା ଆସନରେ ମତଦାନ ହେବ । ପ୍ରାର୍ଥିପତ୍ର ଦାଖଲ ଏପ୍ରିଲ୍ ୪ ତାରିଖରେ ହେବ ଓ ମତଦାନ ଏପ୍ରିଲ୍ ୨୬ ତାରିଖରେ ହେବ । କେବଳ ଜାମ୍ମୁ-କାଶ୍ମୀରକୁ ଛାଡ଼ି ଏପ୍ରିଲ ୫ ତାରିଖରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରାର୍ଥୀପତ୍ର ଗୁଡ଼ିକ ଯାଞ୍ଚ କରାଯିବ । ଜାମ୍ମୁ-କାଶ୍ମୀରରେ ଏପ୍ରିଲ ୬ ତାରିଖରେ ପ୍ରାର୍ଥପୀତ୍ରଗୁଡ଼ିକ ଯାଞ୍ଚ କରାଯିବ ।

## ଗଡ଼କରୀ ନୋମିନେସନ

ବିଜେପି ନେତା ନୀତିନ ଗଡ଼କରୀ ନାଗପୁର ଲୋକସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏହି ସମୟରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିଜ ଓ ବିଜେପି ରାଜ୍ୟ ଶାଖା ସଭାପତି

ଚନ୍ଦ୍ରଶେଖର ବବାନକୁଲେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ନାଗପୁର ବାସୀ ତାଙ୍କୁ ୫ ଲକ୍ଷ ଭୋଟ୍ ବ୍ୟବଧାନରେ ଜିତାଇବେ ବୋଲି ସେ କହିଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ବିକାଶ ଠାକ୍‌ରେଙ୍କ ବିପକ୍ଷରେ ଲଢ଼ିବେ।

## ବିହାର-ଚିରାଗ ପାଶୱ୍ୱାନ

ବିହାରରେ ଚିରାଗ ପାଶୱ୍ୱାନ ଲୋକ ଜନଶକ୍ତି ପାର୍ଟି ଅରୁଣ ଭାରତୀଙ୍କୁ ଜାମୁଇ ଲୋକସଭା ଆସନରୁ ପ୍ରାର୍ଥୀ କରିଛି। ସେ ଚିରାଗ ପାଶୱ୍ୱାନଙ୍କର ସମ୍ପର୍କୀୟ ଚିରାଗ ପାଶୱ୍ୱାନ ଲୋକସଭା ଆସନକୁ ୨୦୧୪ ଓ ୨୦୧୯ରେ ପ୍ରତିନିଧିତ୍ୱ କରିଥିଲେ। ଅଷ୍ଟାଦଶ ଲୋକସଭା ନିର୍ବାଚନରେ ସେ ହାଜିପୁରରୁ ପ୍ରତିଦ୍ୱନ୍ଦିତା କରିବାକୁ ସ୍ଥିର କରିଛନ୍ତି। ବିହାରରେ ବିଜେପି, ଲୋକ ଜନଶକ୍ତି ପାର୍ଟିକୁ ୫ଟି ଆସନ ଦେଇଛି।

## ସିକ୍କିମ- ନୋମିନେସନ୍

ସିକ୍କିମରେ ଏକମାତ୍ର ଲୋକସଭା ଆସନ ଓ ୩୨ଟି ବିଧାନସଭା ଆସନ ପାଇଁ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନରେ ରାଜନୈତିକ କାର୍ଯ୍ୟକଳାପ ସରଗରମ ହୋଇଛି। ଆସନ୍ତା ମାସ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ସେଠାରେ ମତଦାନ ହେବ। ଉପସ୍ଥିତ ମୁଖ୍ୟମନ୍ତ୍ରୀ ଓ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ନେତା ପ୍ରେମ ସିଂ ତମାଙ୍ଗ ଏବଂ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିକ୍କିମ ଡେମୋକ୍ରାଟିକ ଫ୍ରଣ୍ଟ ନେତା ପବନ କୁମାର ଚାମଲିଙ୍ଗ  ଆଜି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସିକ୍କିମର ଏକମାତ୍ର ଲୋକସଭା ଆସନ ପାଇଁ **SKM, SDF**, ନବଗଠିତ **Citizen Action Party**, ବିଜେପି, କଂଗ୍ରେସ ଓ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦିତା କରୁଛନ୍ତି।

ଗତକାଲି ବିଭିନ୍ନ ଦଳର ୧୮ ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିଲେ।  ମନୋନୟନପତ୍ର ଦାଖଲ କରିଥିବା ମୁଖ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ, **SKM**ର ସୋନମ ଲାମା, ପୂର୍ବତନ ମନ୍ତ୍ରୀ **SDF** ର **Gyatcho Lepcha**, ବିଜେପିର ନରେନ୍ଦ୍ର କୁମାର ସୁବା ଓ ଗଣେଶ କୁମାର ରାୟ ରହିଛନ୍ତି। ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ୩୦ ତାରିଖ ରହିଛି। ଶାସନ **SKM** ଓ ବିରୋଧୀ **SDF** ଏବଂ **CAP** ୩୨ଟି ଯାକ ଆସନରୁ ପ୍ରାର୍ଥୀ ଦେଇଛନ୍ତି। ବିଜେପି ୩୧ଟି ଆସନରେ ଓ କଂଗ୍ରେସ ୧୮ଟି ଆସନରେ ପ୍ରାର୍ଥୀ ଦେଇଛି। ଶାସକ **SKM, SDF, BJP, CAP** ଓ କଂଗ୍ରେସ ନିର୍ବାଚନରେ ମୁଖ୍ୟ ଦଳ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବର୍ତ୍ତମାନ ସରକାରରେ  **SKM**ର ୧୯ ଜଣ **MLA**  ଓ ବିଜେପିର ୧୨ ଜଣ **MLA** ଏବଂ **SDF** ର ଜଣେ **MLA**  ଅଛନ୍ତି।

# ତ୍ରିପୁରା ନୋମିନେସନ

ତ୍ରିପୁରାରେ ବିଜେପି ପ୍ରାର୍ଥୀ ବିପ୍ଲବ ଦେବ ଓ କଂଗ୍ରେସ ପ୍ରାର୍ଥୀ ଆଶିଷ ଶାହା ଅଗରତାଲାରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନେ ତ୍ରିପୁରା ୱେଷ୍ଟ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରିବେ। ଆଜି ସେଠାରେ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ  ଥିଲା। ତ୍ରିପୁରା ର ଦୁଇଟି ଲୋକସଭା ଆସନ ମଧ୍ୟରୁ ଏପ୍ରିଲ ୯ ତାରିଖରେ ତ୍ରିପୁରା ୱେଷ୍ଟରେ ମତଦାନ ହେବ। ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ର ଶେଷ ଦିନ ୩୦ ତାରିଖ ରହିଛି। ବିପ୍ଲବ ଦେବଙ୍କ ସହ ପାର୍ଟି ନେତା ତଥା ମୁଖ୍ୟମନ୍ତ୍ରୀ ମାଣିକ ଶାହା, ହରିଆଣା ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି, ମନୋହର ଲାଲ ଖଟ୍ଟର, ମିତ୍ର ଦଳ ତିପ୍ରା ମୋଥା ମୁଖ୍ୟ ପ୍ରଦ୍ୟୋତ ବିକ୍ରମ ମାଣିକ୍ୟ ଦେବବର୍ମା ଓ ଅନ୍ୟମାନେ ଯାଇଥିଲେ। ଏ ପର୍ଯ୍ୟନ୍ତ ୯ ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଛନ୍ତି।

# ସୁପ୍ରିୟା-ଘୋଷ

ନିର୍ବାଚନ କମିଶନ ବିଜେପି ଏମ୍.ପି. ଦିଲ୍ଲୀପ ଘୋଷ ଓ କଂଗ୍ରେସ ନେତା ସୁପ୍ରିୟା ଶ୍ରୀନେତଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛି। ସେମାନେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାର ଅଭିଯୋଗ ରହିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୁଦ୍ଧରେ ଦିଲ୍ଲୀପ ଘୋଷ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ତାଙ୍କର ମନ୍ତବ୍ୟ ଅପମାନଜନକ,

ଅଶାଳୀନ ଓ ନିର୍ବାଚନ ଆଚରଣବିଧି ଲଂଘନ କରୁଛି ବୋଲି ନିର୍ବାଚନ କମିଶନ କହିଛି। ଶ୍ରୀନେତଙ୍କୁ ଜାରି କରିଥିବା ନୋଟିସ୍ ସେ କଙ୍ଗନା ରାନାଓ୍ୱତଙ୍କ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ବିଷୟରେ ଉଲ୍ଲେଖ ଅଛି। ତାଙ୍କର ମନ୍ତବ୍ୟ ଅଶାଳୀନ ଓ ନିର୍ବାଚନ ଆଚରଣବିଧିର ଲଂଘନ କରୁଥିବାର କମିଶନ କହିଛି। ଶୁକ୍ରବାର ସୁଦ୍ଧା ଦୁଇ ନେତା ଜବାବ ଦେବାକୁ ନିର୍ବାଚନ କମିଶନ କହିଛି।

## ଓଡ଼ିଶା ବିଜେପି

ବିଜୁ ଜନତା ଦଳ ପକ୍ଷରୁ ଆଜି ୭୨ଟି ବିଧାନସଭା ଓ ୧୫ଟି ଲୋକସଭାପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପୁରୀ ଲୋକସଭା ଆସନରୁ ଅରୂପ ପଟ୍ଟନାୟକ, ଜଗତ୍‌ସିଂହପୁରରୁ ରାଜଶ୍ରୀ ମଲ୍ଲିକ, କଟକରୁ ସଂତୃପ୍ତ ମିଶ୍ର, କନ୍ଧମାଳନରୁ ଅଚ୍ୟୁତ ସାମନ୍ତ, ଯାଜପୁରରୁ ଶର୍ମିଷ୍ଠା ସେଠୀ, ଢେଙ୍କାନାଳରୁ ଅବିନାଶ ସାମଲ ଦଳୀୟ ପ୍ରାର୍ଥୀ ହେବେ । ବି.ଜେ.ଡି. ସଭାପତି ଶ୍ରୀ ପଟ୍ଟନାୟକ ଆଜି ପୂର୍ବାହ୍ନରେ ୯ଟି ଲୋକସଭା ଆସନ ପାଇଁ ଘୋଷଣା କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, ସୁନ୍ଦରଗଡ଼ରୁ ଦିଲ୍ଲୀପ ତିର୍କୀ, କଳାହାଣ୍ଡିରୁ ଲମ୍ବୋଦର ନିଆଲ, ନବରଙ୍ଗପୁରରୁ ପ୍ରଦୀପ କୁମାର ମାଝୀ,

ମୟୁରଭଞ୍ଜରୁ ସୁଦାମ ମାରାଣ୍ଡି, କୋରାପୁଟରୁ କୌଶଲ୍ୟା ହିକ୍କା, ଆସିକାରୁ ରଞ୍ଜିତା ସାହୁ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇଛନ୍ତି ।

## ଡବ୍ଲ୍ୟୁବି-ଟିଚର ରିକ୍ରୁ୍ୟମେଣ୍ଟସ

ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ ପଶ୍ଚିମବଙ୍ଗ ମନ୍ତ୍ରୀ ଚନ୍ଦ୍ରନାଥ ସିହ୍ନାଙ୍କୁ କୋଲକାତାର ସିଜିଓ କମ୍ପ୍ଲେକ୍ସକୁ ଡକାଇଥିଲା । କିଛିଦିନ ତଳେ ବୀରଭୂମ୍ ଜିଲ୍ଲାର ବୋଲପୁର ସ୍ଥିତ ତାଙ୍କ ବାସଭବନରେ ଇ.ଡି. ଚଢ଼ଉ କରିଥିଲା । ସେତେବେଳେ ତାଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା । ସେଠାରୁ ଇ.ଡି. ବହୁ ଦସ୍ତାବିଜ୍, ମୋବାଇଲ ଫୋନ୍ ଓ ୪୧ ଲକ୍ଷ ଟଙ୍କା ଜବତ କରିଥିଲା ।

ଅନ୍ୟପକ୍ଷରେ ସି.ବି.ଆଇ. ନାରଦା ଷ୍ଟିଙ୍ଗ ଅପରେସନ୍ ଘଟଣାରେ ମାଥ୍ୟୁ ସାମୁଏଲ୍‌ସଙ୍କୁ ନୋଟିସ ଜାରି କରିଛି । ଏପ୍ରିଲ ୪ ତାରିଖରେ ମାଥ୍ୟୁ ସାମୁଏଲ୍‌ସଙ୍କୁ ହାଜର ହେବାକୁ କୁହାଯାଇଛି । ସେହି ଷ୍ଟିଙ୍ଗ୍ ଅପରେସନରେ ବହୁ ତୃଣମୂଳ କଂଗ୍ରେସ ନେତା ଲାଞ୍ଚ ନେଉଥିବାର ଦେଖିବାକୁ ମିଳିଥିଲା ।

## ପଞ୍ଜାବ ଇଡି ରେଡ୍

ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ଟିମ୍ ଗୁଡ଼ିକ ଚଣ୍ଡିଗଡ଼ର ବିଭିନ୍ନ ସ୍ଥାନ ଓ ପଞ୍ଜାବର ୮ଟି ଜିଲ୍ଲାରେ ଚଢ଼ଉ କରିଛନ୍ତି । ୨ ଜଣ ଆଇ.ଏ.ଏସ୍ ଅଫିସରଙ୍କ ଘରେ ଚଢ଼ଉ କରାଯାଇଛି । ସକାଳ ୭ଟାରେ

ଏକାସାଙ୍ଗରେ ଚଢ଼ଉ ହୋଇଥିଲା । ରାଜ୍ୟ ଅବକାରୀ ଓ ଟିକସ କମିଶନର ବରୁଣ ରୁଜମଙ୍କ ଘରେ ଚଢ଼ଉ କରାଯାଇଛି । ଫିରୋଜପୁର ଡେପୁଟି କମିଶନର ରାଜେଶ ଧିମାନଙ୍କ ବାସଗୃହରେ ଚଢ଼ଉ କରାଯାଇଛି । ତାଙ୍କର ଆକାଉଣ୍ଟାଣ୍ଟଙ୍କ ବାସଗୃହରେ ମଧ୍ୟ ଚଢ଼ଉ କରାଯାଇଛି ।

ଗତବର୍ଷ ପିଜୁଳି ଦୁର୍ନୀତି ବିଷୟ ଲୋକଲୋଚନକୁ ଆସିଥିଲା । ସେଥିରେ ଜମି କ୍ଷତିପୂରଣରେ ୧୩୭ କୋଟି ଟଙ୍କାର ହେରଫେର ହୋଇଥିଲା । ଗ୍ରେଟର ମୋହାଲି ଅଞ୍ଚଳ ବିକାଶ କର୍ତ୍ତୃପକ୍ଷ ଦ୍ୱାରା ସଂଗୃହୀତ ଜମିରେ ସେହି ଗଛ ଗୁଡ଼ିକ ଲଗାଯାଇଥିଲା । ଜମି ପାଇଁ ଅଧିକ ପରିମାଣର କ୍ଷତିପୂରଣ ପାଇବା ଲକ୍ଷ୍ୟରେ ଏହି ଦୁର୍ନୀତି କରାଯାଇଥିଲା । ଭିଜିଲାନ୍ସ ଏଥିରେ ଅନେକ ଲୋକଙ୍କୁ ଗିରଫ କରିଛି । **ED** ଏହା ଉପରେ ଆନୁଷ୍ଠାନିକ ମନ୍ତବ୍ୟ ଜାରି କରିନାହିଁ ।

## ଜେକେ- ଅନୁରାଗ ଠାକୁର

କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଅନୁରାଗ ଠାକୁର କହିଛନ୍ତି, ଧାରା ୩୭୦ ଓ **35A** ର ଉଚ୍ଛେଦ କରି ନରେନ୍ଦ୍ର ମୋଦୀ ସରକାର ଜାମ୍ମୁ-କାଶ୍ମୀରରେ ବିକାଶର ବାଟ ଖୋଲିଛନ୍ତି । ଜାମ୍ମୁର ଝଝର୍ କୋଟଲି ଠାରେ ସେ କହିଛନ୍ତି, ଗତ ୧୦ ବର୍ଷରେ ଜାମ୍ମୁ-କାଶ୍ମୀର ସବୁ କ୍ଷେତ୍ରରେ ବିକାଶ କରିଛି । ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଯୋଗୁଁ ସଶସ୍ତ୍ରବାହିନୀ ଓ

ସ୍ୱତନ୍ତ୍ର ବାହିନୀ ଯବାନମାନଙ୍କର ଆବଶ୍ୟକତା ହ୍ରାସ ପାଇଥିବାର ସେ କହିଛନ୍ତି।

## ଜେକେ- ମୁଗଲ ରୋଡ୍

ଚଳିତ ମାସ ଶେଷ ସୁଦ୍ଧା ଜାମ୍ମୁ-କାଶ୍ମୀରରେ ମୋଗଲ ରୋଡ୍‌କୁ ଖୋଲି ଦିଆଯିବ। ଏହି ରୋଡ୍ ରାଜୌରୀ ଓ ପୁଞ୍ଚକୁ ଶୋପିଆଁ ସହ ସଂଯୋଗ କରେ ଓ ଏହା ଏକ ବିକଳ୍ପ ରାଜପଥର ଭୂମିକା ଦେଇଥାଏ। ଆମ ସମ୍ବାଦଦାତା ଜଣାଇଛନ୍ତି, **Mechanical Engineering Department** ଗତ ପହିଲାରୁ ବରଫ ସଫା କରିବା କାର୍ଯ୍ୟ ଆଗରୁ କରିଛି। ପୁଞ୍ଚ **Deputy Commissioner** ୟାସିନ ଚୌଧୁରୀ କହିଛନ୍ତି, ଚଳିତ ମାସ ଶେଷ ସୁଦ୍ଧା ସେଠାରେ ଯାନବାହନ ଚଳାଚଳ କରିବ। ବରଫପାତ ଯୋଗୁଁ ୪ ମାସ ପୂର୍ବେ ତାହାକୁ ବନ୍ଦ ରଖାଯାଇଥିଲା।

## ଗାର୍ଲ ଭୋଟର୍ସ

ମତଦାତା ଅଂଶଗ୍ରହଣ ବୃଦ୍ଧି ପାଇଁ ଜାମ୍ମୁ-କାଶ୍ମୀର ର ରିଆସି ଜିଲ୍ଲାରେ ବାଳିକାମାନେ **"My Vote My Pride"** ସ୍ଲୋଗାନ ସହ ସଚେତନତା ସୃଷ୍ଟ୦୦ର୍‌୨ କରୁଛନ୍ତି। ସେମାନେ ହାତରେ ମେହେନ୍ଦି ଲଗାଇ ଏହି କାର୍ଯ୍ୟ

କରୁଛନ୍ତି। ଜିଲ୍ଲା ନିର୍ବାଚନ ଅଫିସର ବିଶେଷ ପଲ ମହାଜନ ସେମାନଙ୍କର କାର୍ଯ୍ୟର ପ୍ରଶଂସା କରିଛନ୍ତି।

## ବିଜେପି ଜଏନ୍

ଆମ୍ ଆଦମୀ ପାର୍ଟି ଲୋକସଭା ସାଂସଦ ସୁଶିଲ କୁମାର ରିଙ୍କୁ ଓ ପାର୍ଟି ବିଧାୟକ ଶୀତଳ ଗଙ୍ଗୁରାଲ ବିଜେପିରେ ଯୋଗ ଦେଇଛନ୍ତି। ସେଠାରେ ପାର୍ଟି ସାଧାରଣ ସମ୍ପାଦକ ବିନୋଦ ତାଉଡ୍ରୁ ଉପସ୍ଥିତ ଥିଲେ। ଶ୍ରୀ ରିଙ୍କୁ କହିଛନ୍ତି, ଜଳନ୍ଧରବାସୀଙ୍କୁ ସେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରିନାହାଁନ୍ତି। ତାଙ୍କୁ ଆମ୍ ଆଦ୍‌ମୀ ପାର୍ଟି ଯଥେଷ୍ଟ ସମର୍ଥନ ଦେଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗ ଦେଇଥିବାର କହିଛନ୍ତି।

## ଜେକେ– ମୁଗଲ ରୋଡ୍

ଚଳିତ ମାସ ଶେଷ ସୁଦ୍ଧା ଜାମ୍ମୁ-କାଶ୍ମୀରରେ ମୋଗଲ ରୋଡ୍‌କୁ ଖୋଲି ଦିଆଯିବ। ଏହି ରୋଡ୍ ରାଜୌରୀ ଓ ପୁଞ୍ଚକୁ ଶୋପିଆଁ ସହ ସଂଯୋଗ କରେ ଓ ଏହା ଏକ ବିକଳ୍ପ ରାଜପଥର ଭୂମିକା ଦେଇଥାଏ। ଆମ ସମ୍ବାଦଦାତା ଜଣାଇଛନ୍ତି, **Mechanical Engineering Department** ଗତ ପହିଲାରୁ ବରଫ ସଫା କରିବା କାର୍ଯ୍ୟ ଆଗରୁ କରିଛି। ପୁଞ୍ଚ **Deputy Commissioner** ୟାସିନ ଚୌଧୁରୀ କହିଛନ୍ତି,

ଚଳିତ ମାସ ଶେଷ ସୁଦ୍ଧା ସେଠାରେ ଯାନବାହନ ଚଳାଚଳ କରିବ।
ବରଫପାତ ଯୋଗୁଁ ୪ ମାସ ପୂର୍ବେ ତାହାକୁ ବନ୍ଦ ରଖାଯାଇଥିଲା।